## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର
### (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

ସଂଖ୍ୟା- ୨୮୦୪ ତାରିଖ - ୦୨.୦୯.୨୪

**ସମ୍ବଲପୁର ଜିଲ୍ଲାରେ ହସ୍ତକୃତଭାବେ ମଳ ସଫେଇ କର୍ମଚାରୀଙ୍କ ସର୍ବେକ୍ଷଣ କାର୍ଯ୍ୟ ନିମନ୍ତେ ସୂଚନା**

ଏତଦ୍-ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ହସ୍ତକୃତଭାବେ ମଳ ସଫେଇକର୍ମଚାରୀଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ସର୍ବେକ୍ଷଣକୁ ଗ୍ରାମାଞ୍ଚଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳରେ ନିର୍ବାହୀ ଅଧିକାରୀ ଏବଂ ସମ୍ବଲପୁର ମହାନଗର ନିଗମଙ୍କ ଦ୍ୱାରା ତା ୦୫.୦୯.୨୦୨୪ ରୁ ୧୨.୦୯.୨୦୨୪ ରିଖ ମଧରେ କରାଯିବ। ଏହି କାର୍ଯ୍ୟରେ ଜଡିତ ଥିବା ବ୍ୟକ୍ତିବିଶେଷମାନଙ୍କୁ ନିର୍ଦ୍ଧାରିତ ଆତ୍ମ ଘୋଷଣା ଫର୍ମରେ ଆବେଦନ କରିବା ଓ ଯାଞ୍ଚ କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରାଯାଉଛି । ଏଥି ନିମନ୍ତେ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହରାଞ୍ଚଳର ନିର୍ବାହୀ ଅଧିକାରୀ ଏବଂ ସମ୍ବଲପୁର ମହାନଗର ନିଗମଙ୍କୁ ଯୋଗାଯୋଗ କରିବାପାଇଁ ଅନୁରୋଧ କରାଯାଉଛି ।

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୨୮୦୫ **ତାରିଖ** ୦୨.୦୯.୨୪

ଏହାର ଏକକିତା ନକଲ ଆୟୁକ୍ତ, ମହାନଗର ନିଗମ, ସମ୍ବଲପୁର / ସମ୍ବଲପୁର ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ତହସିଲଦାର / କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା / ରେଢାଖୋଲ / ଉପ-ଜିଲ୍ଲାପାଳ, ସଦର/ କୁଚିଣ୍ଡା / ରେଢାଖୋଲ / ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମ୍ବଲପୁରଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୨୮୦୬ **ତାରିଖ** ୦୨.୦୯.୨୪

ଏହାର ଏକକିତା ନକଲ ପରିଚାଳକ, ଜିଲ୍ଲା ଇ-ଗଭରନାନ୍ସ, ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ତାଙ୍କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୨୮୦୭ **ତାରିଖ** ୦୨.୦୯.୨୪

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ୨ ଗୋଟି ଆଗୁଆ ଦୈନିକ ଓଡିଆ ଖବରକାଗଜରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**